www.a2zSubjects.com

**Signature and Name of Invigilator**

1. (Signature) ____________________

   (Name) ____________________

2. (Signature) ____________________

   (Name) ____________________

**OMR Sheet No. :** ........................................................
(To be filled by the Candidate)

**Roll No.** | | | | | | | | |
(In figures as per admission card)

**Roll No.** ____________________
(In words)

**D 2 3 1 5**

# PAPER - III
# ODIA

**Time : 2½ hours]** **[Maximum Marks : 150**

Number of Pages in this Booklet : **24** | Number of Questions in this Booklet : **75**

## Instructions for the Candidates

1. Write your roll number in the space provided on the top of this page.
2. This paper consists of seventy five multiple-choice type of questions.
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal on the edge of this cover page. Do not accept a booklet without sticker-seal and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
   (iii) After this verification is over, the Test Booklet Number should be entered on the OMR Sheet and the OMR Sheet Number should be entered on this Test Booklet.
4. Each item has four alternative responses marked (1), (2), (3) and (4). You have to darken the circle as indicated below on the correct response against each item.
   **Example :** ① ② ● ④ where (3) is the correct response.
5. Your responses to the items are to be indicated in the **OMR Sheet given inside the Booklet only.** If you mark your response at any place other than in the circle in the OMR Sheet, it will not be evaluated.
6. Read instructions given inside carefully.
7. Rough Work is to be done in the end of this booklet.
8. If you write your Name, Roll Number, Phone Number or put any mark on any part of the OMR Sheet, except for the space allotted for the relevant entries, which may disclose your identity, or use abusive language or employ any other unfair means, such as change of response by scratching or using white fluid, you will render yourself liable to disqualification.
9. You have to return the original OMR Sheet to the invigilators at the end of the examination compulsorily and must not carry it with you outside the Examination Hall. You are however, allowed to carry original question booklet and duplicate copy of OMR Sheet on conclusion of examination.
10. **Use only Blue/Black Ball point pen.**
11. **Use of any calculator or log table etc., is prohibited.**
12. **There are no negative marks for incorrect answers.**

## परीक्षार्थियों के लिए निर्देश

1. इस पृष्ठ के ऊपर नियत स्थान पर अपना रोल नम्बर लिखिए।
2. इस प्रश्न-पत्र में पचहत्तर बहुविकल्पीय प्रश्न हैं।
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी। पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे, जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए पुस्तिका पर लगी कागज की सील को फाड़ लें। खुली हुई या बिना स्टीकर-सील की पुस्तिका स्वीकार न करें।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं। दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें। इसके लिए आपको पाँच मिनट दिये जायेंगे। उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा।**
   (iii) इस जाँच के बाद प्रश्न-पुस्तिका का नंबर OMR पत्रक पर अंकित करें और OMR पत्रक का नंबर इस प्रश्न-पुस्तिका पर अंकित कर दें।
4. प्रत्येक प्रश्न के लिए चार उत्तर विकल्प (1), (2), (3) तथा (4) दिये गये हैं। आपको सही उत्तर के वृत्त को पेन से भरकर काला करना है जैसा कि नीचे दिखाया गया है।
   **उदाहरण :** ① ② ● ④ जबकि (3) सही उत्तर है।
5. प्रश्नों के उत्तर **केवल प्रश्न पुस्तिका के अन्दर दिये गये OMR पत्रक पर ही** अंकित करने हैं। यदि आप OMR पत्रक पर दिये गये वृत्त के अलावा किसी अन्य स्थान पर उत्तर चिन्हांकित करते हैं, तो उसका मूल्यांकन नहीं होगा।
6. अन्दर दिये गये निर्देशों को ध्यानपूर्वक पढ़ें।
7. कच्चा काम (Rough Work) इस पुस्तिका के अन्तिम पृष्ठ पर करें।
8. यदि आप OMR पत्रक पर नियत स्थान के अलावा अपना नाम, रोल नम्बर, फोन नम्बर या कोई भी ऐसा चिह्न जिससे आपकी पहचान हो सके, अंकित करते हैं अथवा अभद्र भाषा का प्रयोग करते हैं, या कोई अन्य अनुचित साधन का प्रयोग करते हैं, जैसे कि अंकित किये गये उत्तर को मिटाना या सफेद स्याही से बदलना तो परीक्षा के लिये अयोग्य घोषित किये जा सकते हैं।
9. आपको परीक्षा समाप्त होने पर मूल OMR पत्रक निरीक्षक महोदय को लौटाना आवश्यक है और परीक्षा समाप्ति के बाद उसे अपने साथ परीक्षा भवन से बाहर न लेकर जायें। हालांकि आप परीक्षा समाप्ति पर मूल प्रश्न-पुस्तिका तथा OMR पत्रक की डुप्लीकेट प्रति अपने साथ ले जा सकते हैं।
10. **केवल नीले/काले बाल प्वाईंट पेन का ही इस्तेमाल करें।**
11. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है।**
12. **गलत उत्तरों के लिए कोई नकारात्मक अंक नहीं हैं।**



www.a2zSubjects.com

www.a2zSubjects.com

# ODIA

## ଓଡ଼ିଆ

## PAPER - III

## ପ୍ରଶ୍ନପତ୍ର - III

**Note :** This paper contains **seventy five (75)** objective type questions of **two (2)** marks each. **All** questions are **compulsory**.

**ନିର୍ଦ୍ଦେଶ :** ଏହି ପତ୍ରରେ ପଞ୍ଚସ୍ତରୀ **(75)** ଟି ବିବିଧ ପସନ୍ଦ ଭିତ୍ତିକ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦୁଇ **(2)** । ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ।

1. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଅଶୋକାଷ୍ଟମୀ ଯାତ୍ରା | (i) | ବରଗଡ଼ |
| (b) | ସାହିଯାତ୍ରା | (ii) | ଭୁବନେଶ୍ୱର |
| (c) | ଠାକୁରାଣୀ ଯାତ୍ରା | (iii) | ବ୍ରହ୍ମପୁର |
| (d) | ଧନୁଯାତ୍ରା | (iv) | ପୁରୀ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iv) | (i) | (iii) |
| (2) | (ii) | (i) | (iv) | (iii) |
| (3) | (ii) | (iv) | (iii) | (i) |
| (4) | (iv) | (ii) | (iii) | (i) |

2. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ବକ୍ରୋକ୍ତି | (i) | Pun |
| (b) | କୌତୁକ | (ii) | Parody |
| (c) | ଲାଳିକା | (iii) | Fun |
| (d) | ଶବ୍ଦକ୍ରୀଡ଼ା | (iv) | Irony |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (iii) | (ii) | (i) |
| (2) | (iv) | (ii) | (iii) | (i) |
| (3) | (iii) | (iv) | (i) | (ii) |
| (4) | (iv) | (iii) | (i) | (ii) |



www.a2zSubjects.com

www.a2zSubjects.com

3. **'କ' ସ୍ତମ୍ଭ** ର ଅନୂଦିତ କୃତିଗୁଡ଼ିକ ସହିତ **'ଖ' ସ୍ତମ୍ଭ** ର ଉପଯୁକ୍ତ ଅନୁବାଦକଙ୍କ ସମ୍ପର୍କ ସ୍ଥାପନ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| (a) | ହୃଦୟନେତ୍ରୀ | (i) | ଦୀପ୍ତି ପଟ୍ଟନାୟକ |
| (b) | ଅର୍ଦ୍ଧନାରୀଶ୍ୱର | (ii) | ମୋନାଲିସା ଜେନା |
| (c) | ଆଶୀର୍ବାଦର ରଙ୍ଗ | (iii) | ରଘୁନାଥ ପାଢୀ ଶର୍ମା |
| (d) | କାର୍ମେଲୀନ | (iv) | ପ୍ରବାସିନୀ ମହାକୁଡ଼ ତିୱାରୀ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (ii) | (iv) | (i) |
| (2) | (iv) | (iii) | (ii) | (i) |
| (3) | (iii) | (iv) | (i) | (ii) |
| (4) | (iii) | (iv) | (ii) | (i) |

4. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ** ର ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| (a) | ନୀଳାଦ୍ରି-ମହୋତ୍ସବ | (i) | ନରସିଂହ ସେଣ |
| (b) | ଅନଙ୍ଗରେଖା | (ii) | ଭୂପତି ପଣ୍ଡିତ |
| (c) | ପ୍ରେମ ପଞ୍ଚାମୃତ | (iii) | ଧନଞ୍ଜୟ ଭଞ୍ଜ |
| (d) | ପରିମଳା | (iv) | ଲୋକନାଥ ବିଦ୍ୟାଧର |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (ii) | (iv) | (i) |
| (2) | (iv) | (iii) | (ii) | (i) |
| (3) | (iv) | (iii) | (i) | (ii) |
| (4) | (iv) | (i) | (ii) | (iii) |



www.a2zSubjects.com

www.a2zSubjects.com

5. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ** ର ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| (a) | ପ୍ରଜାଶକ୍ତି | (i) | କଟକ |
| (b) | ଉତ୍କଳ ଦୀପିକା | (ii) | ସମ୍ବଲପୁର |
| (c) | ଇନ୍ଦ୍ରଧନୁ | (iii) | ବାମଣ୍ଡା |
| (d) | ଶଂଖ | (iv) | ଝାରସୁଗୁଡ଼ା |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iv) | (iii) | (i) |
| (2) | (iv) | (ii) | (i) | (iii) |
| (3) | (iv) | (i) | (ii) | (iii) |
| (4) | (iv) | (i) | (iii) | (ii) |

6. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| (a) | ଫକୀରମୋହନ ସେନାପତି | (i) | ଶ୍ରୀରଙ୍ଗ ପଞ୍ଚାନନ |
| (b) | ଗୌରୀଶଙ୍କର ରାୟ | (ii) | ଦୁର୍ମୁଖ ଶର୍ମା |
| (c) | ଗୋପାଳଚନ୍ଦ୍ର ପ୍ରହରାଜ | (iii) | ଶ୍ରୀ ଗ |
| (d) | ଗୋପାଳ ବଲ୍ଲଭ ଦାସ | (iv) | ଦରବାରୀ ଟାଉଟର |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (i) | (ii) | (iii) |
| (2) | (iv) | (i) | (iii) | (ii) |
| (3) | (iv) | (ii) | (i) | (iii) |
| (4) | (ii) | (i) | (iii) | (iv) |



www.a2zSubjects.com

www.a2zSubjects.com

7. **'କ' ସ୍ତମ୍ଭ**ର ପତ୍ରିକା ସହିତ **'ଖ' ସ୍ତମ୍ଭ**ର ସଂପାଦକଙ୍କ ଉପଯୁକ୍ତ ସମ୍ପର୍କ ଦର୍ଶାଅ ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| (a) | ପଶ୍ଚିମା | (i) | ବିଜୟ ନାୟକ |
| (b) | ବିଶ୍ୱମୁକ୍ତି | (ii) | ପ୍ରଦୀପ୍ତ କୁମାର ବେହୁରା |
| (c) | କାହାଣୀ | (iii) | ଅଶୋକ ମହାନ୍ତି |
| (d) | ଲେଖାଲେଖି | (iv) | ଶଶାଙ୍କ ଚୂଡ଼ାମଣି |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (iii) | (ii) | (i) |
| (2) | (iii) | (iv) | (ii) | (i) |
| (3) | (iii) | (iv) | (i) | (ii) |
| (4) | (i) | (iv) | (iii) | (ii) |

8. **'କ' ସ୍ତମ୍ଭ** ର ଗଳ୍ପଗୁଡ଼ିକ ସହ **'ଖ' ସ୍ତମ୍ଭ** ର ଉପଯୁକ୍ତ ପ୍ରାଣୀଙ୍କୁ ସଂଯୁକ୍ତ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| (a) | ଅନ୍ଧାରୁଆ | (i) | ହରିଣୀ |
| (b) | ଜଙ୍ଗଲୀ | (ii) | ପାରା |
| (c) | ପାଳଭୂତ | (iii) | ବଳଦ |
| (d) | ମାଗୁଣିର ଶଗଡ଼ | (iv) | ଷଣ୍ଢ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iv) | (ii) | (iii) |
| (2) | (iv) | (i) | (ii) | (iii) |
| (3) | (iv) | (i) | (iii) | (ii) |
| (4) | (iv) | (iii) | (ii) | (i) |



www.a2zSubjects.com

www.a2zSubjects.com

9. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| (a) | କାର୍ତ୍ତିକ ଚନ୍ଦ୍ର ରଥ | (i) | ମୃଗୟା |
| (b) | ବିଶ୍ୱଜିତ ଦାସ | (ii) | ପୁନଶ୍ଚ ପୃଥିବୀ |
| (c) | ରତ୍ନାକର ଚଇନି | (iii) | ଚନ୍ଦ୍ରଚୋରୀ |
| (d) | ବିଜୟ ମିଶ୍ର | (iv) | ସ୍ୱର୍ଗଦ୍ୱାର |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (i) | (iii) | (ii) |
| (2) | (iv) | (i) | (ii) | (iii) |
| (3) | (iv) | (ii) | (iii) | (i) |
| (4) | (i) | (iv) | (ii) | (iii) |

10. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| (a) | ସମୁଦ୍ରର ସ୍ୱର | (i) | ବସନ୍ତ ମଞ୍ଜରୀ ପଟ୍ଟନାୟକ |
| (b) | କାଳିବୋହୂ | (ii) | ପୀତାମ୍ବରୀ ଦେବୀ |
| (c) | ଅମଡ଼ାବାଟ | (iii) | କୁନ୍ତଳାକୁମାରୀ ସାବତ |
| (d) | କାନ୍ତରାବାବୁ | (iv) | ପ୍ରତିଭା ରାୟ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (iv) | (i) | (ii) |
| (2) | (iv) | (ii) | (iii) | (i) |
| (3) | (iv) | (iii) | (ii) | (i) |
| (4) | (iv) | (iii) | (i) | (ii) |



www.a2zSubjects.com

www.a2zSubjects.com

**11.** **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭ**ର ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| (a) | ମହାଭାରତ | (i) | ଅମ୍ବିକାବିଳାସ |
| (b) | ଭାଗବତ | (ii) | ବୈଦେହୀଶ ବିଳାସ |
| (c) | ରାମାୟଣ | (iii) | ଶର୍ମିଷ୍ଠା |
| (d) | ଚଣ୍ଡୀପୁରାଣ | (iv) | ମଥୁରାମଙ୍ଗଳ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (iv) | (ii) | (i) |
| (2) | (iii) | (iv) | (i) | (ii) |
| (3) | (iii) | (i) | (iv) | (ii) |
| (4) | (iv) | (i) | (iii) | (ii) |

**12.** ପ୍ରକାଶ କାଳ ଭିତ୍ତିରେ ପତ୍ରିକାଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) ଉତ୍କଳ ସାହିତ୍ୟ

(b) ନବସମ୍ବାଦ

(c) ମୁକୁର

(d) ଉତ୍କଳ ଦର୍ପଣ

(1) (a) (c) (d) (b)

(2) (d) (b) (c) (a)

(3) (d) (b) (a) (c)

(4) (d) (a) (b) (c)



www.a2zSubjects.com

www.a2zSubjects.com

**13.** କିଶୋରୀଚରଣଙ୍କର ନିମ୍ନ ସଂକଳନଗୁଡ଼ିକର ପ୍ରକାଶକାଳ ଭିତ୍ତିରେ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) ମଣିହରା

(b) ଭଙ୍ଗାଖେଳନା

(c) ଶୀତ ଲହରୀ

(d) ଗମନ

(1) (a) (c) (b) (d)

(2) (b) (a) (c) (d)

(3) (b) (c) (a) (d)

(4) (b) (a) (d) (c)

**14.** ଓଡ଼ିଆ ଉପନ୍ୟାସରେ ନିମ୍ନ ଚରିତ୍ରମାନଙ୍କ ଅଭ୍ୟୁଦୟକୁ ଭିତ୍ତି କରି ସେମାନଙ୍କ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) ଚିତ୍ରା

(b) ନେତ୍ରମଣି

(c) ଧୋବୀ

(d) ମାୟା

(1) (a) (b) (c) (d)

(2) (a) (b) (d) (c)

(3) (a) (d) (b) (c)

(4) (c) (b) (a) (d)



www.a2zSubjects.com

www.a2zSubjects.com

**15.** ନିମ୍ନୋକ୍ତ ରଚନାଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) ଅମ୍ବିକା ବିଳାସ

(b) ପାର୍ବତୀ

(c) ଶିବ ସ୍ୱରୋଦୟ

(d) ରସଲେଖା

(1) (d) (b) (c) (a)

(2) (c) (d) (a) (b)

(3) (c) (d) (b) (a)

(4) (c) (b) (d) (a)

**16.** ନିମ୍ନୋକ୍ତ ରଙ୍ଗମଞ୍ଚଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) ଜନତା ରଙ୍ଗମଞ୍ଚ

(b) ଓଡ଼ିଶା ଥିଏଟର୍ସ

(c) ଶାନ୍ତି ଥିଏଟର୍ସ

(d) ଜଗନ୍ନାଥ ଥିଏଟର୍ସ

(1) (b) (c) (d) (a)

(2) (b) (a) (d) (c)

(3) (b) (c) (a) (d)

(4) (a) (b) (d) (c)



www.a2zSubjects.com

www.a2zSubjects.com

**17.** ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) କଟକ ଦର୍ଶନ

(b) କପିଳାସ ଦର୍ଶନ

(c) ଧରାକୋଟ୍ ଦର୍ଶନ

(d) ମେଳା ଦର୍ଶନ

(1) (a) (d) (b) (c)

(2) (d) (b) (a) (c)

(3) (d) (a) (b) (c)

(4) (d) (a) (c) (b)

**18.** 'ଆପଣା ମାଁସେ ହରିଣା ବୈରୀ'—ଚର୍ଯ୍ୟାଗୀତିକାର ଏହି ପାଦର ରଚୟିତା କିଏ?

(1) ଲୁଇପାଦ (2) କାହ୍ନୁପାଦ (3) ଶବରିପାଦ (4) ଭୁସୁକୁପାଦ

**19.** ଭାଗବତର କେଉଁ ସ୍କନ୍ଧରେ ଋଷଭଦେବ ତାଙ୍କ ପୁତ୍ରମାନଙ୍କୁ ଜୈନଧର୍ମ ତତ୍ତ୍ୱକଥା ଉପଦେଶ ଦେଇଛନ୍ତି?

(1) ଏକାଦଶ (2) ଦଶମ (3) ପଞ୍ଚମ (4) ଅଷ୍ଟମ

**20.** "ଘର ଦେବତା ନ ପୂଜି ପୂଜଇ ପରକୁ

ଘର ଦିଅଁକୁ ନଚିହ୍ନି ଗମଇ ତୀର୍ଥକୁ ।।"— ଏହା କେଉଁ ଗ୍ରନ୍ଥରେ କୁହାଯାଇଛି?

(1) ଛତିଶ ଗୁପ୍ତଗୀତା (2) ପ୍ରେମଭକ୍ତି ବ୍ରହ୍ମଗୀତା (3) ଶୂନ୍ୟ ସଂହିତା (4) ବ୍ରହ୍ମାଣ୍ଡ ଭୂଗୋଳ

**21.** କେଉଁ ପୀଠ ବୌଦ୍ଧତନ୍ତ୍ର ଓ ହିନ୍ଦୁତନ୍ତ୍ରରେ ବର୍ଣ୍ଣିତ?

(1) କାମାକ୍ଷା (2) ଶ୍ରୀହଟ୍ଟ (3) ପୂର୍ଣ୍ଣଗିରି (4) ଉଡ୍ଡୀୟାନ



www.a2zSubjects.com

www.a2zSubjects.com

**22.** 'ସପ୍ତାଙ୍ଗ ଯୋଗ ଧାରଣମ୍' ପୁସ୍ତକରେ କେଉଁ ଯୋଗକୁ ପ୍ରାଧାନ୍ୟ ଦିଆଯାଇଛି?

(1) ରାଜଯୋଗ (2) ମନ୍ତ୍ରଯୋଗ (3) ହଠଯୋଗ (4) ଲୟଯୋଗ

**23.** 'ପ୍ରବୁଦ୍ଧ ସ୍ୱାମୀ' କହିଲେ କିଏ?

(1) ବୁଦ୍ଧଦେବ (2) ମହିମା ଗୋସାଇଁ (3) ଶ୍ରୀଚୈତନ୍ୟ (4) ଓଁକାରନାଥ

**24.** 'ଭାରତର ସମସ୍ତ ଶ୍ମଶାନ ସ୍ୱର୍ଗଦ୍ୱାର ଏବଂ ସମସ୍ତ ବୃକ୍ଷ କଳ୍ପବଟ'—ଏ ଚିନ୍ତାଧାରା କାହାର ?

(1) ଗୋପବନ୍ଧୁ (2) ନୀଳକଣ୍ଠ (3) ଭୀମଭୋଇ (4) ମଧୁସୂଦନ ରାଓ

**25.** ନିମ୍ନୋକ୍ତ କେଉଁ ଶବ୍ଦଟି 'ଶୁଦ୍ଧାଭକ୍ତି'ର ବିକଳ୍ପ ଶବ୍ଦ?

(1) ଜ୍ଞାନମିଶ୍ରା ଭକ୍ତି (2) ଯୋଗାଶ୍ରୟୀ ଭକ୍ତି (3) ରାଗାନୁଗା ଭକ୍ତି (4) ନବଧାଭକ୍ତି

**26.** ମାର୍କଣ୍ଡଦାସଙ୍କ 'ମହାଭାଷ୍ୟ'ରେ କେଉଁ ଚରିତ ବର୍ଣ୍ଣିତ?

(1) ଶ୍ରୀକୃଷ୍ଣ ଚରିତ (2) ଶ୍ରୀଜଗନ୍ନାଥ (3) ଶ୍ରୀନୃସିଂହ (4) ଶ୍ରୀରାମ ଚରିତ

**27.** 'ଜ୍ଞାନାରୁଣ' ପତ୍ରିକା ସହିତ କେଉଁ ଧର୍ମର ସଂପୃକ୍ତି ରହିଛି ?

(1) ବ୍ରାହ୍ମ (2) ବୌଦ୍ଧ (3) ଖ୍ରୀଷ୍ଟ (4) ଇସଲାମ୍

**28.** 'ଚାବି' କେଉଁ ଶବ୍ଦ ପରିବାରର ଅନ୍ତର୍ଭୁକ୍ତ ଅଟେ ?

(1) ପାରସିକ (2) ପର୍ତ୍ତୁଗୀଜ୍ (3) ଡଚ୍ (4) ଦେଶଜ



www.a2zSubjects.com

www.a2zSubjects.com

**29.** 'ଅଙ୍ଗବିକାର' ବୁଝାଇଲେ କେଉଁ ବିଭକ୍ତି ହୁଏ ?

(1) ଦ୍ୱିତୀୟା (2) ପଞ୍ଚମୀ (3) ସପ୍ତମୀ (4) ତୃତୀୟା

**30.** ବିଦ୍ୟାର ଧନ । – ଏଠାରେ କେଉଁ ସମ୍ବନ୍ଧ ପ୍ରୟୋଗ ହୋଇଛି ?

(1) ଅଭେଦ ସମ୍ବନ୍ଧ (2) କରଣ ସମ୍ବନ୍ଧ (3) ନିମିତ୍ତ ସମ୍ବନ୍ଧ (4) ଯୋଗାର୍ଥେ ସମ୍ବନ୍ଧ

**31.** ଶୁଦ୍ଧ ଶବ୍ଦଟି ଚିହ୍ନାଇ ଦିଅ ।

(1) ଅକ୍ଷୁଣ୍ଣ (2) ତ୍ୟାଜ (3) ମୂହୁର୍ତ୍ତ (4) ସୃଜନ

**32.** 'Outlines of Indian Philology' କାହାର ରଚନା ?

(1) ଗୋଲକବିହାରୀ ଧଳ (2) ଜନ୍ ବୀମ୍ସ

(3) ନୀଳକଣ୍ଠ ଦାସ (4) ସାର ଜର୍ଜ ଆବ୍ରାହମ ଗ୍ରୀୟର୍ସନ୍

**33.** କେଉଁ କାବ୍ୟରେ ଉପେନ୍ଦ୍ରଭଞ୍ଜ ନିଜ ରଚନାବଳୀର ଏକ ସୂଚୀ ପ୍ରଦାନ କରିଛନ୍ତି ?

(1) ଲାବଣ୍ୟବତୀ (2) ବୈଦେହୀଶ ବିଳାସ (3) ରସପଞ୍ଚକ (4) ଚିତ୍ରକାବ୍ୟ ବନ୍ଧୋଦୟ

**34.** କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ଉପଭାଷା କହି ଏ ସଂପର୍କିତ ଯେଉଁ ଗ୍ରନ୍ଥ ରଚନା କରିଥିଲେ ତା'ର ନାମ କଣ ?

(1) ଉଡିୟା ଏକ୍‌ଟା ଭାଷା ନଏଁ (2) ଉଡିୟା ଏକ୍‌ଟା ଭାଷା ନହେଁ

(3) ଉଡିୟା ସ୍ୱତନ୍ତ୍ର ଭାଷା ନହେ (4) ଉଡିୟା ସ୍ୱତନ୍ତ୍ର ଭାଷା ନହେଁ



www.a2zSubjects.com

www.a2zSubjects.com

**35.** ବକ୍ରୋକ୍ତି ସଂପ୍ରଦାୟର ପ୍ରବର୍ତ୍ତକ କିଏ?

(1) କୁନ୍ତକ (2) ବାମନ (3) ଆନନ୍ଦବର୍ଦ୍ଧନ (4) କ୍ଷେମେନ୍ଦ୍ର

**36.** 'କଳୁଷ ପଙ୍କେ ମୁହିଁ କେତେ ମଳିନ

କେମନ୍ତେ ସରି ତୋର ହେବି ନଳିନ ।'—ଏହା କେଉଁ ଅଳଙ୍କାର?

(1) ଉପମା (2) ଅନୁପ୍ରାସ (3) ଶ୍ଳେଷ (4) ରୂପକ

**37.** କେଉଁଟି ଓଡ଼ିଆ 'ଆଖ୍ୟାୟିକା'ର ମୁଖ୍ୟ ଉପାଦାନ?

(1) ଶୂନ୍ୟବାଦୀଚେତନା (2) ପୂର୍ବଜନ୍ମ ପରଜନ୍ମ (3) ଭାଶାର ଗୂଢ଼ତା (4) ବୈଷ୍ଣବୀୟ ଚେତନା

**38.** ନିମ୍ନୋକ୍ତ ପଦରେ ଥିବା 'ଦ୍ୱିଜହୀନ' ଶବ୍ଦର ଅର୍ଥ କଣ ?

"ଦ୍ୱିଜହୀନ ଜନ ଯଥା ଅଭଗ୍ନ

ପୂଗ ଚର୍ବଣେ ମୁଖ ହୁଏ ଭଗ୍ନ ।"

(1) ଦନ୍ତହୀନ (2) ଦ୍ୱିତୀୟ ଜନ୍ମହୀନ (3) ବ୍ରହ୍ମତ୍ୱହୀନ (4) ଉପବୀତ ହୀନ

**39.** 'ସରୋଷକ ନିରୋଷକ' କାବ୍ୟ ରଚନାର କେଉଁ ଉପାଦାନର ଶ୍ରେଣୀଭୁକ୍ତ ?

(1) ରସ (2) ଗୁଣ (3) ଅଳଙ୍କାର (4) ଧ୍ୱନି

**40.** "ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡାଇବ ହେ" — କାହାର ରଚନା?

(1) ସାଲବେଗ (2) ଗୋପାଳକୃଷ୍ଣ ପଟ୍ଟନାୟକ

(3) କାନ୍ତକବି ଲକ୍ଷ୍ମୀକାନ୍ତ (4) କୁନ୍ତଳାକୁମାରୀ



www.a2zSubjects.com

www.a2zSubjects.com

**41.** ଶ୍ରୀଜଟାୟୁ ଛଦ୍ମନାମରେ କେଉଁ କବି କବିତା ରଚନା କରିଛନ୍ତି?

(1) ଲକ୍ଷ୍ମୀଧର ନାୟକ (2) ଜାତୀୟକବି ବୀରକିଶୋର

(3) ବିନୋଦ ଚନ୍ଦ୍ର ନାୟକ (4) ରଘୁନାଥ ଦାସ

**42.** ବିଂଶ ଶତକର କେଉଁ କବିଙ୍କ କବିତାରେ ଆଧିଭୌତିକ ଚେତନା ସମଧିକ ପ୍ରକାଶ ପାଇଛି ?

(1) ଗୁରୁପ୍ରସାଦ ମହାନ୍ତି (2) ରମାକାନ୍ତ ରଥ

(3) ଅନ୍ନଦାଶଙ୍କର ରାୟ (4) ରାଜେନ୍ଦ୍ର କିଶୋର ପଣ୍ଡା

**43.** କେଉଁ ଓଡ଼ିଆ ସାହିତ୍ୟିକ ଆଧୁନିକ କବିତାରେ 'ଛନ୍ଦର ସ୍ପନ୍ଦ' (sprung rhythm) କୁ ଗୁରୁତ୍ୱ ପ୍ରଦାନ କରିଛନ୍ତି?

(1) ସଚ୍ଚିଦାନନ୍ଦ ରାଉତରାୟ (2) ଗୁରୁପ୍ରସାଦ ମହାନ୍ତି

(3) ଜଗନ୍ନାଥ ପ୍ରସାଦ ଦାସ (4) ରାଧାମୋହନ ଗଡ଼ନାୟକ

**44.** ପଦ୍ୟ ଛନ୍ଦରେ ଲିଖିତ କବିତାରେ ଯଦି ପ୍ରଥମ ପାଦର ତୃତୀୟ ପାଦ ସହ ଓ ଦ୍ୱିତୀୟ ପାଦର ଚତୁର୍ଥ ପାଦ ସହ 'ମେଳ' କ୍ରମ ଅନୁସୃତ ହୋଇଥାଏ ତେବେ ତାହାକୁ ଛନ୍ଦର କେଉଁ 'ମେଳ' କୁହାଯାଏ ?

(1) ପଦ୍ୟମେଳ (2) ଯୁଗ୍ମମେଳ (3) ନବାକ୍ଷରୀ ମେଳ (4) ଏକାନ୍ତର ମେଳ

**45.** 'ଚୁଡ଼ି' ପଦଟି କାହାର ଭୂମିକା ନିର୍ବାହ କରୁଛି ?

'ଚୁଡ଼ି ମୋର କେଉଁ ପରି ମୃତ ଏକ ସ୍ୱାମୀ ଲାଗି ହାଜରା ପକାଇ କହିବ— ରହିଚି ସିଏ ପୂର୍ବପରି ମୋ ଭିତରେ ଜୀଇଁ ।'

(1) ବର୍ଣ୍ଣନା (2) ଚିତ୍ରକଳ୍ପ (3) ପ୍ରତୀକ (4) ଧ୍ୱନି



www.a2zSubjects.com

www.a2zSubjects.com

**46.** ନିମ୍ନୋକ୍ତ କେଉଁ ରଚନାଟି ଅମିତ୍ରାକ୍ଷର ଛନ୍ଦରେ ରଚିତ ?

(1) ଭାନୁମତୀର ଦେଶ (2) ମହାନଦୀରେ ଜ୍ୟୋତ୍ସ୍ନାବିହାର

(3) ବିବି ଖାତୁନ୍ ଓ ଶିଳ୍ପୀ (4) ଗାଲମାଧବ

**47.** ନିମ୍ନୋକ୍ତ କେଉଁ କାବ୍ୟଟି 'ସାଟାୟାର୍'-ଧର୍ମୀ ରଚନା ?

(1) ଶର୍ମିଷ୍ଠା (2) ବୌଦ୍ଧାବତାର କାବ୍ୟ (3) ବାଜିରାଉତ (4) ଦରବାର

**48.** କିଏ ସରସ୍ୱତୀ ସମ୍ମାନରେ ସମ୍ମାନିତ ନୁହନ୍ତି?

(1) ଜଗନ୍ନାଥ ପ୍ରସାଦ ଦାସ (2) ମନୋଜ ଦାସ

(3) ରମାକାନ୍ତ ରଥ (4) ସୀତାକାନ୍ତ ମହାପାତ୍ର

**49.** 'ସୃଜନୀ' ନାଟ୍ୟ ସଂସ୍ଥା କେଉଁ ମସିହାରେ ପ୍ରତିଷ୍ଠା ହୋଇଥିଲା ?

(1) 1962 (2) 1964 (3) 1963 (4) 1967

**50.** 'କଳାକାରର କାହାଣୀ' କେଉଁ ଅଭିନେତାଙ୍କ ଆତ୍ମଜୀବନୀ ?

(1) ଟିମା (2) ଦୁର୍ଲ୍ଲଭ ସିଂ (3) ପୀର (4) ଶରତ ପୂଜାରୀ

**51.** 'ସତ୍ୟବାଦୀ' ପତ୍ରିକା ପ୍ରଥମେ କେଉଁ ପ୍ରେସରୁ ପ୍ରକାଶିତ ହୋଇଥିଲା ?

(1) ସତ୍ୟବାଦୀ ପ୍ରେସ୍ (2) ଉତ୍କଳ ସାହିତ୍ୟ ପ୍ରେସ୍

(3) ପ୍ରଜାତନ୍ତ୍ର ପ୍ରେସ୍ (4) ଆଶା ପ୍ରେସ୍



www.a2zSubjects.com

www.a2zSubjects.com

**52.** ନିତ୍ୟାନନ୍ଦ ମହାପାତ୍ରଙ୍କ 'ପତ୍ର ଓ ପ୍ରତିମା' କେଉଁ ପର୍ଯ୍ୟାୟର ଗ୍ରନ୍ଥ ?

(1) ଉପନ୍ୟାସ (2) କାବ୍ୟ (3) ରମ୍ୟରଚନା (4) କ୍ଷୁଦ୍ରଗଳ୍ପ

**53.** ବୈଜ୍ଞାନିକ ପ୍ରବନ୍ଧ ରଚୟିତା ଭାବରେ କିଏ ପରିଚିତ ?

(1) ଗୋକୁଳାନନ୍ଦ ମହାପାତ୍ର (2) ଗୌରାଙ୍ଗଚରଣ ନାୟକ

(3) ସଦାଶିବ ମିଶ୍ର (4) ବିଦ୍ୟାଧର ପାଢ଼ୀ

**54.** କେଉଁଟି ଶରତ ମହାନ୍ତିଙ୍କ ପ୍ରବନ୍ଧ ଗ୍ରନ୍ଥ ନୁହେଁ ?

(1) ସକ୍ରେଟିସ୍ ଓ ପ୍ଲାଟୋ (2) ସୂର୍ଯ୍ୟର ତୃତୀୟ ଗ୍ରହ

(3) ଆକାଶର ଆହ୍ୱାନ (4) ଅଶ୍ରୁତ ସ୍ୱର

**55.** ନିମ୍ନଟି ମଧ୍ୟରୁ କେଉଁଟି ଯଶୋଧାରା ମିଶ୍ରଙ୍କ ଗଳ୍ପ ସଂକଳନ ?

(1) ସବୁଠାରୁ ଦୀର୍ଘ ରାତି (2) ଜହ୍ନ ରାତି

(3) ଅପେକ୍ଷାରେ ଦିନରାତି (4) ଅନେକ ତାରାର ରାତି

**56.** "ବଜ୍ର ପଡ଼ିଯାଏ; କିନ୍ତୁ ଘଡ଼ଘଡ଼ି ଶବ୍ଦଟା ଆକାଶରେ ଢେର ବେଶଯାଏ ରହେ ।"—ଏହା କେଉଁ ଗ୍ରନ୍ଥରୁ ଆନୀତ?

(1) ପରଜା (2) ମାଟିର ମଣିଷ (3) ଛମାଣ ଆଠଗୁଣ୍ଠ (4) ତୁଣ୍ଡବାଇଦ

**57.** ନଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ସମୟର ପୃଷ୍ଠଭୂମିରେ ଲିଖିତ ଉପନ୍ୟାସର ନାମ କ'ଣ ?

(1) ସମାପ୍ତି (2) ହିଡ଼ମାଟି (3) ଶାସ୍ତି (4) ହାଏରେ ଦୁର୍ଭାଗା ଦେଶ



www.a2zSubjects.com

www.a2zSubjects.com

**58.** 'ଅଭିଶପ୍ତ ଗନ୍ଧର୍ବ'ରେ ନିମ୍ନ ପ୍ରଦତ୍ତ କେଉଁ ପ୍ରସଙ୍ଗ ପ୍ରତିଫଳିତ ?

(1) କୈଶୋରର ମନୋଭାବ ଓ ଅନୁଭୂତି

(2) ପୌରାଣିକ ଚରିତ୍ରଙ୍କ ଜୀବନ ଚରିତ

(3) ବିଶ୍ୱ ଜୀବନର ଭବିଷ୍ୟ କଥା

(4) ଅନୁପ୍ରାସାତ୍ମକ ରଚନାଶୈଳୀ

**59.** ଲକ୍ଷ୍ମୀ ନାରାୟଣ ସାହୁଙ୍କ ସଂକଳିତ 'ଗାନ୍ଧର୍ବିକା ଶତଦଳ' କ'ଣ ?

(1) ଗଞ୍ଜାମ ପ୍ରଚଳିତ ଲୋକ ଅନୁଷ୍ଠାନ

(2) ଗନ୍ଧର୍ବମାନଙ୍କ ସଂପର୍କୀୟ ପ୍ରବନ୍ଧ

(3) ଏକ ଅନାବିଷ୍କୃତ ଧର୍ମୀୟ ପୋଥି

(4) ଆଦିବାସୀ ଲୋକଗୀତର ସଂଗ୍ରହ



www.a2zSubjects.com

www.a2zSubjects.com

**60.** 'ଓଷା'ର ଉପଯୁକ୍ତ ପରିଚୟ କଣ ?

(1) ମୂଳତଃ ନାରୀ-କୃତ ଧର୍ମାଚାର

(2) ମୂଳତଃ ସାମାଜିକ ସଂସ୍କାର ବିଶେଷ

(3) ମୂଳତଃ ପାରତ୍ରିକ ମଙ୍ଗଳଦାୟୀ ପୂଜା

(4) ମୂଳତଃ ଏକାଧିକ ଦେବଦେବୀଙ୍କ ଏକତ୍ର ଉପାସନା

**61.** ତତଲା ବାଲିକି ଯାଉଛି, ଫୁକୁରୁ ଫୁକୁରୁ ଡେଉଁଛି— କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

(1) ମାଛ (2) ଲିଆ (ଖଇ) (3) ବେଙ୍ଗ (4) ସାପ

**62.** କେଉଁଟି ଏକ ଭାବସାର (ମୋଟିଫ୍) ନୁହେଁ ?

(1) ଋଷିଙ୍କ ଅଭିଶାପ (2) ପଣରକ୍ଷା (3) ରାଜ୍ୟର ପ୍ରଜାସକଳ (4) ରାଜାଙ୍କ ସ୍ୱପ୍ନ

**63.** ନାଁଦିଆର ଲକ୍ଷଣ କଣ?

(1) ରୂପକାତ୍ମକ ଅଭିବ୍ୟକ୍ତି ଓ କୌତୂହଳ (2) ରୂପସଂକ୍ଷିପ୍ତୀ ଓ ଧର୍ମୀୟ ଭକ୍ତି

(3) ସାମାଜିକ ପ୍ରସଙ୍ଗ ଓ ବୁଦ୍ଧିମତ୍ତା (4) ଗଦ୍ୟାତ୍ମକ ରୂପ ଓ ପାରଂପରିକ ଭାବ



www.a2zSubjects.com

www.a2zSubjects.com

**64.** 'Deconstruction' ମତବାଦ ମୂଳତଃ କେଉଁ ପ୍ରସଙ୍ଗକୁ ଗୁରୁତ୍ୱ ଦିଏ?

(1) ଲେଖକ ଓ ତାର ପୃଷ୍ଠଭୂମି
(2) କୃତି ଓ ତାର ବାଣିଜ୍ୟିକ ଦିଗ
(3) କୃତି ଓ ତାର ଅର୍ଥ
(4) ଲେଖକ ଓ କୃତିର ସଂପର୍କ

**65.** 'Jean Moreas' କେଉଁ ବାଦର ପୁରୋଧା?

(1) ରୋମାଣ୍ଟିସିଜିମ୍
(2) ଇମେଜିଜମ୍
(3) ରିୟଲିଜିମ୍
(4) ସିମ୍ବଲିଜିମ୍

**66.** ନିମ୍ନ ପଂକ୍ତିଟିରେ କେଉଁ 'ବାଦ' (ism) ପ୍ରତିଫଳିତ?

"ଉପରେ ଟିଣର ଜହ୍ନ

ତଳେ କଳହରତ ଭିକାରୀ ଦିଜଣ ।"

(1) ସାମ୍ୟବାଦ
(2) ରୋମାଣ୍ଟିକ୍-ବାସ୍ତବବାଦ
(3) ପ୍ରକୃତିବାଦ
(4) ଡାଡ଼ାବାଦ

**67.** 'Of Grammatology' ପୁସ୍ତକଟିର ଲେଖକ କିଏ ?

(1) ଜାକ୍ ଡେରିଡା
(2) ମିସେଲ ଫୁକୋ
(3) ମିଖାଇଲ ବାଖତିନ
(4) ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକ୍



www.a2zSubjects.com

www.a2zSubjects.com

**68.** ନିମ୍ନରେ ଦୁଇଟ୍ ମନ୍ତବ୍ୟ ରହିଛି । ପ୍ରଥମଟି ସ୍ଥାପନା **(A)** ଓ ଦ୍ୱିତୀୟଟି ଯୁକ୍ତି **(R)** । ନିମ୍ନ ବିକଳ୍ପଗୁଡ଼ିକରୁ ନିଜ ଉତ୍ତରଟି ସ୍ଥିର କର ।

**ସ୍ଥାପନା (Assertion) :**

ଅନେକ ସମୟରେ ମାନବ ନିଜକୁ ଦୀନ ହୀନ ମନେକରି ନିଜର ଶକ୍ତି ସତ୍ତ୍ୱେ ସେ ନିତାନ୍ତ ଅଶକ୍ତ ଓ ନିଜର ଜ୍ଞାନ ସତ୍ତ୍ୱେ ସେ ନିତାନ୍ତ ଅଜ୍ଞାନ ବୋଲି ଜନ ସମାଜରେ ଘୋଷଣା କରିଥାଏ । ଅତି ନମ୍ରତା ଏହି ପ୍ରବୃତ୍ତିର ମୂଳ ନିଦାନ ।

**ଯୁକ୍ତି (Reasoning) :**

ନମ୍ରତା ସର୍ବଦା ଭୁଲ ପଥରେ ମଣିଷକୁ ଚାଳିତ କରିଥାଏ ।

(1) **(A)** ଠିକ୍ ଓ **(R)** ଭୁଲ୍

(2) **(A)** ଓ **(R)** ଉଭୟ ଭୁଲ୍

(3) **(A)** ଭୁଲ୍ ଓ **(R)** ଠିକ୍

(4) **(A)** ଓ **(R)** ଉଭୟ ଠିକ୍

**69.** **ସ୍ଥାପନା (Assertion) :**

ସାହିତ୍ୟ ଏକ ପ୍ରକାର ସୃଷ୍ଟି । ମନୁଷ୍ୟ ବିଧି ପ୍ରଦତ୍ତ ଅଦ୍ଭୁତ ମାନସିକ ଶକ୍ତିର ପ୍ରଭାବରେ ବିଚିତ୍ର ସାହିତ୍ୟ ଜଗତ୍ ସୃଷ୍ଟି କରିଛନ୍ତି ।

**ଯୁକ୍ତି (Reasoning) :**

ମନୁଷ୍ୟର ମାନସିକ ଶକ୍ତି କେବଳ ସାହିତ୍ୟ ସୃଷ୍ଟିରେ ସମର୍ଥ, ତେଣୁ ସାହିତ୍ୟ ଏକପ୍ରକାର ସୃଷ୍ଟି ।

(1) **(A)** ଓ **(R)** ଉଭୟ ଭୁଲ୍

(2) **(A)** ଠିକ୍ ଓ **(R)** ଆଂଶିକ ଭୁଲ୍

(3) **(A)** ଭୁଲ୍ ଓ **(R)** ଠିକ୍

(4) **(A)** ଓ **(R)** ସଂପୂର୍ଣ୍ଣ ଭୁଲ୍



www.a2zSubjects.com

www.a2zSubjects.com

70. ସ୍ଥାପନା **(Assertion) :**

ଲୋକବିଦ୍ୟା ହେଉଛି କୌଣସି କ୍ଷୁଦ୍ରଗୋଷ୍ଠୀଗୁଡ଼ିକର କଳାତ୍ମକ ପରିପ୍ରକାଶ ।

ଯୁକ୍ତି **(Reasoning) :**

ଲୋକବିଦ୍ୟା ସେଥିପାଇଁ ବୃହତ୍ ମାନବଗୋଷ୍ଠୀରେ ପ୍ରଚଳିତ ହୋଇପାରେନା ।

(1) **(A)** ଓ **(R)** ଉଭୟ ଠିକ୍

(2) **(A)** ଭୁଲ୍ **(R)** ଠିକ୍

(3) **(A)** ଠିକ୍ **(R)** ଭୁଲ୍

(4) **(A)** ଓ **(R)** ଉଭୟ ଭୁଲ୍

71. ସ୍ଥାପନା **(Assertion) :**

ସମାଲୋଚନାର ତିନୋଟି ଅଙ୍ଗ— ଗୋଟିଏ ଲୋକନ, ତାପରେ ଆଲୋକନ, ତାପରେ ସମାଲୋକନ ।

ଯୁକ୍ତି **(Reasoning) :**

ସମାଲୋଚନା କାଳରେ ଏ ପ୍ରତ୍ୟେକଟି ପରସ୍ପର ପରିପୂରକ ।

(1) **(A)** ଠିକ୍ ଓ **(R)** ଭୁଲ୍

(2) **(A)** ଓ **(R)** ଉଭୟ ଠିକ୍

(3) **(A)** ଭୁଲ୍ଓ· **(R)** ଠିକ୍

(4) **(A)** ଓ **(R)** ଉଭୟ ଭୁଲ୍



www.a2zSubjects.com

www.a2zSubjects.com

**ନିମ୍ନ ଅନୁଚ୍ଛେଦଟି ପଢି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

ଜଗତର ରମଣୀୟତା ଉପଭୋଗ କରିବାପାଇଁ ମନୁଷ୍ୟ ଜୀବନରେ ଯୌବନର ସୃଷ୍ଟି । ଆନନ୍ଦର ଉପକରଣଗୁଡ଼ିକ ଯୁବକ ସୃଷ୍ଟିରେ ବିଶେଷ ଭାବରେ ଆଦୃତ ହୋଇଥାଏ । ସୌନ୍ଦର୍ଯ୍ୟର ମୂଲ୍ୟ ବୁଝେ ଯୁବକ । ହୃଦୟର ଉପାସନାରେ ଯୁବକର ଯେ ଆତ୍ମବିସ୍ମୃତି ଆସେ ଓ ଯେଉଁ ନିଭୃତ ଦାନରେ ତାର ମସ୍ତକ ଅବନତ ହୋଇ ପଡ଼େ, ତାହା ସୌନ୍ଦର୍ଯ୍ୟର କୁହୁକ ସ୍ପର୍ଶ ଛଡ଼ା ଅନ୍ୟ କିଛି ନୁହେଁ । ଅନ୍ତରର ଭାବ ବିନିମୟରେ ନିଜତ୍ୱ ଭୁଲିଯାଇ ଅପର ନିକଟରେ ଆତ୍ମତ୍ୟାଗର ଚରମ ନିଦର୍ଶନ ଦେଖାଇବା କେବଳ ଯୁବକ ପକ୍ଷରେ

ସମ୍ଭବପର ହୋଇଥାଏ । ପ୍ରାପ୍ତି ସଙ୍ଗେ ଦାନ ତୁଳନା କଲେ ଜଗତରେ ଯୁବକର ସ୍ଥାନ ଅତି ଉଚ୍ଚରେ ନିର୍ଦ୍ଦେଶ କରାଯାଇ ପାରେ । ଯେତେଥର କିଛି ମହତ୍ କିମ୍ବା ଦୁଷ୍ପ୍ରାପ୍ୟ ବସ୍ତୁ ଗ୍ରହଣ କରିବାକୁ ଯୁବକର ପ୍ରେରଣା ଆସିଛି, ସେ ତାର ଉପଯୁକ୍ତ ମୂଲ୍ୟ ଦେବାରେ କୁଣ୍ଠିତ ହୋଇନାହିଁ । ହୃଦୟକୁ ପୂର୍ଣ୍ଣଭାବରେ ଉନ୍ମୁକ୍ତ କରିବାକୁ ସେ ପଶ୍ଚାତ୍‌ପଦ ହୁଏ ନାହିଁ । ହୃଦୟବଳରେ ସେ ପରକୁ ଆପଣାର କରିନିଏ । ପ୍ରେମ ବିତରଣ କରିବା ତାର ଗୋଟିଏ ସ୍ୱାଭାବିକ ଗୁଣ । ଜଗତର ଲାଞ୍ଛନା ଓ ପ୍ରବଞ୍ଚନା ଯୁବକପ୍ରାଣକୁ ଶତ ଆଘାତ କରେ । ଯାହା ନିକଟରୁ ସେ ଥରକପାଇଁ ଟିକିଏ ଆଶ୍ୱାସନା ପାଇଥାଏ, ସେ ତା ପ୍ରତି ନିର୍ମମ ବ୍ୟବହାର କରିପାରେ, କିନ୍ତୁ ଯୁବକ ପ୍ରାଣର ସରଳତାରେ ସବୁ ଭୁଲିଯାଏ । ମୁହୂର୍ତ୍ତକର ଅନୁଭୂତି ହୃଦୟରେ ଯେ ଆବେଗ ଆଣେ ଓ ଅତି କ୍ଷୀଣ ଅବଲମ୍ବନରେ ଆଶାର ଯେ ସରସ କୁସୁମ ଫୁଟି ଉଠେ, ତାହା ଯୌବନ ଛଡ଼ା ଅନ୍ୟ ସମୟରେ ସମ୍ଭବପର ହୁଏ ନାହିଁ ।

**72.** ମନୁଷ୍ୟ ଜୀବନରେ ଯୌବନର ଭୂମିକା କଣ?

(1) ଯୌବନ ମନୁଷ୍ୟକୁ ଅନ୍ତର୍ଦୃଷ୍ଟି ଦେଇଥାଏ ।

(2) ଯୌବନ ଦ୍ୱାରା ମନୁଷ୍ୟର ଆତ୍ମଜ୍ଞାନର ବିକାଶ ଘଟେ ।

(3) ଯୌବନ ବ୍ୟକ୍ତି ଜୀବନରେ ବାସ୍ତବତାର ଜ୍ଞାନ ଦେଇଥାଏ ।

(4) ଯୌବନକାଳରେ ସଂସାରର ସୌନ୍ଦର୍ଯ୍ୟ ପ୍ରକୃଷ୍ଟଭାବେ ଅନୁଭବ କରାଯାଇଥାଏ ।

**73.** ଆତ୍ମତ୍ୟାଗର ଚରମ ନିଦର୍ଶନ କାହିଁକି ଯୁବକ ହିଁ ଦେଖାଇପାରେ?

(1) ଯୌବନରେ ଆତ୍ମତ୍ୟାଗର ଶିକ୍ଷା ଦିଆଯାଇଥାଏ ।

(2) ସୌନ୍ଦର୍ଯ୍ୟ ଓ ଆତ୍ମତ୍ୟାଗ ପରସ୍ପର ବିରୋଧୀ ।

(3) ସୌନ୍ଦର୍ଯ୍ୟର ରସଗ୍ରହଣ ଓ ଆତ୍ମ ବିସ୍ମୃତି ହିଁ ଆତ୍ମତ୍ୟାଗକୁ ଜନ୍ମ ଦିଏ ।

(4) ତ୍ୟାଗ ବଳରେ ପୁଣ୍ୟ ଲାଭର ଇଚ୍ଛା ଯୁବକର ଥାଏ ।



www.a2zSubjects.com

www.a2zSubjects.com

**74.** ପରକୁ ଆପଣାର କରାଯିବାର କୌଶଳଟି କଣ?

(1) ପ୍ରେମ ବିତରଣ ପୂର୍ବକ ପରକୁ ଆପଣାର କରାଯାଇଥାଏ ।

(2) ହୃଦୟବଳରେ ପରକୁ ଆପଣାର କରାଯାଇଥାଏ ।

(3) ଦୃଢ଼ ମାନସିକ ଶକ୍ତି ବଳରେ ପରକୁ ଆପଣାର କରାଯାଇଥାଏ ।

(4) ଉନ୍ମୁକ୍ତ ହୃଦୟ ବଳରେ ପରକୁ ଆପଣଆର କରାଯାଇଥାଏ ।

**75.** ଆଶାର ସରସ କୁସୁମ କାହିଁକି ଫୁଟି ଉଠେ?

(1) ହୃଦୟର ଆବେଗ ଯୋଗୁ ଏହା ସମ୍ଭବ ହୁଏ ।

(2) ମନ ପ୍ରଫୁଲ୍ଲିତ ହେଲେ ଆସାର କୁସୁମ ଫୁଟେ ।

(3) ଯୌବନର ଉତ୍ସାହ ଯୋଗୁଁ ଏହା ଘଟେ ।

(4) ଯୌବନର ଉଦ୍ଦାମତାକୁ ପ୍ରତିହତ କରିବାକୁ ଆଶାର କୁସୁମ ଫୁଟେ ।

- o 0 o -



www.a2zSubjects.com

www.a2zSubjects.com

**Space For Rough Work**



www.a2zSubjects.com